ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
ପ୍ରଗତିବାଦୀ®
PRAGATIVADI pragativadi.com

● ଭୁବନ ଏନଏସି ଅଧ୍ୟକ୍ଷ ପଦ ମାମଲା

ରାଜ୍ୟ ସରକାରଙ୍କ ଆଦେଶକୁ ହାଇକୋର୍ଟ ରଦ୍ଦ କଲେ

■ କଟକ,ତା୨୭ ।୨(ପିଏନଏସ): ଭୁବନ ଏନଏସିର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କ ବିରୋଧରେ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ମାମଲାର ବିଚାର କରିବା ସହ ଯେଉଁସବୁ ଆଧାରରେ ଶ୍ରୀ ସାହୁଙ୍କୁ ତାଙ୍କ ପଦରୁ ହଟିବା ଲାଗି ରାଜ୍ୟ ସରକାର କାରଣ ଉଲ୍ଲେଖ କରିଛନ୍ତି ତାହା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି । ହାଇକୋର୍ଟଙ୍କ ଆଦେଶ ଫଳରେ ଶୁଭେନ୍ଦୁଙ୍କର ଭୁବନ ଏନଏସି ଅଧ୍ୟକ୍ଷ ପଦରେ ରହି କାର୍ଯ୍ୟ କରିବେ । ଅଦାଲତ ମାମଲାର ଶୁଣାଣି କରି କହିଛନ୍ତି ଯେ, ଜଣେ ନିର୍ବାଚିତ ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପୂର୍ବରୁ ସରକାରଙ୍କୁ ସ୍ପଷ୍ଟ ଭାବରେ ପ୍ରମାଣ କରିବାକୁ ପଡ଼ିବ ଯେ ସେ ଜାଣିଶୁଣି ଆଇନ ଉଲ୍ଲଂଘନ କରିନହାନ୍ତି । କେବଳ ସାଧାରଣ ଅବହେଳା କିମ୍ବା ଛୋଟମୋଟ ପ୍ରଶାସନିକ ତ୍ରୁଟି ପାଇଁ କାହାରିକୁ ଅଧ୍ୟକ୍ଷ ପଦରୁ ହଟାଯାଇ ପାରିବ ନାହିଁ । ବିବରଣୀରୁ ପ୍ରକାଶ, ସରକାର ଭୁବନ ଏନଏସି ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ୨୦୨୫ ଜୁନ ୧୮ ରେ ଏକ କାରଣ ଦର୍ଶାଇ ନୋଟିସ ପଠାଇଥିଲେ । ଶ୍ରୀ ସାହୁଙ୍କ ବିରୋଧରେ ୱାର୍ଡ କମିଟି ଗଠନ ନକରିବା, ପ୍ରତି ମାସରେ କାଉନସିଲରଙ୍କ ବୈଠକ ନଡ଼ାକିବା, ସଫେଇ କାର୍ଯ୍ୟରେ ଅନିୟମିତତା ଏବଂ ବିନା ଅନୁମତିରେ ଫେଭର ରୋଡ ନିର୍ମାଣ କରିବା ଆଦି ଅଭିଯୋଗ ଆଣାଯିବା ପରେ ସେପ୍ଟେମ୍ବର ୯ ତାରିଖରେ ତାଙ୍କୁ ଅଧ୍ୟକ୍ଷ ପଦରୁ ହଟାଇବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ । ଏହି ଆଦେଶକୁ ବିରୋଧ କରି ଅଧ୍ୟକ୍ଷ ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରୁଥିଲେ ।

● ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ ମାମଲା

ସ୍ୱାମୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

■ କଟକ,ତା୨୭ ।୨(ପିଏନଏସ): ଟେଲି ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓରଫ ନିକିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ ସ୍ୱାମୀ ଲିପନ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତୃତୀୟ ଅତିରିକ୍ତ ଜିଲ୍ଲାଜଜ ଲକ୍ଷ୍ମୀପ୍ରିୟା ରାୟଚୌଧୁରୀ ମାମଲାରେ ରାୟ ପ୍ରକାଶ କରି ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଲିପନକୁ ନିକିତା ହତ୍ୟା ପାଇଁ ଦାୟୀ କରିଛନ୍ତି । ଅଦାଲତ ଆଦେଶରେ କହିଛନ୍ତି ଯେ, ଯଦିଓ ଏହି ଘଟଣାରେ କେହି ପ୍ରତ୍ୟେକ୍ଷଦର୍ଶୀ ନାହାନ୍ତି କିନ୍ତୁ ଉଭୟଙ୍କୁ ଶେଷ ଥର ପାଇଁ ପାଖପଡ଼ୋଶୀମାନେ ଦେଖିଥିଲେ । ଅପରପକ୍ଷରେ ଲିପନ, ନିକିତାଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ସ୍ପଷ୍ଟ ଜବାବ ରଖିପାରି ନାହାଁନ୍ତି । ସେ ଛାତ ଉପରୁ କିପରି ଗଳିପଡ଼ିଲେ ତାହାର ଉତ୍ତର ଲିପନ ରଖିପାରି ନାହାଁନ୍ତି । ଯେହେତୁ ଲିପନ, ନିକିତାର ମୃତ୍ୟୁ ସମ୍ପର୍କରେ ସ୍ପଷ୍ଟ ଉତ୍ତର ରଖିପାରି ନାହାଁନ୍ତି ଏବଂ ନିକିତାଙ୍କ ମୃତ୍ୟୁ ପୂର୍ବରୁ ଉଭୟଙ୍କୁ ଶେଷଥର ପାଇଁ ଏକତ୍ର ଦେଖିବାକୁ ମିଳିଛି ଏହି ଆଧାରରେ ଅଦାଲତ ଲିପନକୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି ବୋଲି ଆଦେଶରେ ଉଲ୍ଲେଖ କରିଛନ୍ତି । ଶାଶୂ କୁନ୍ତଳା ସାହୁ ଏବଂ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ଏହି ମାମଲାରୁ ଛାଡ କରିଛନ୍ତି । କଟକ ମହାନଦୀ ବିହାରର ସେଲିବ୍ରେସନ ମଣ୍ଡପରେ ୨୦୧୬ ମସିହା ନଭେମ୍ବର ୨୫ ତାରିଖରେ ଲିପନ ସାହୁ ସହ ନିକିତା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ନିକତା ଜଣେ ଧାରାବାହିକ ଅଭିନେତ୍ରୀ ଭାବେ ଅଭିନୟ କରି ସେଲିବ୍ରିଟି ଭାବେ ପରିଚିତ ହୋଇପାରିଥିଲେ । ବିବାହ

ପରେ ନିକତାଙ୍କୁ ଶାଶୂଘର ପକ୍ଷରୁ ଉଭୟ ଶାରିରୀକ ଏବଂ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଅଭିନୟର ପ୍ରାପ୍ୟ ଏବଂ ଅଧିକ ଯୌତୁକ ଆଣିବା ପାଇଁ ନିକିତାଙ୍କ ଉପରେ ଚାପ ପଡୁଥିଲା । କିନ୍ତୁ ନିକିତା ଶାଶୂଘର ଲୋକଙ୍କ ଏହି ଦାବିକୁ ପୂରଣ କରିପାରୁନଥିଲେ । ଏହି ସମୟ ମଧ୍ୟରେ ସେ ଗର୍ଭବତୀ ମଧ୍ୟ ହୋଇଥିଲେ । ଗର୍ଭଧାରଣ କରିବା ପରେ ନିକିତାଙ୍କୁ ଭୁବନେଶ୍ୱର ବାଲିଅନ୍ତାର ଏକ ପୃଥକ ଫ୍ଲାଟରେ ରଖାଯାଇଥିଲା । ଆର୍ଥିକ ଅଭାବ କାରଣରୁ ପରେ ସେ ଆସି ନିଜ ଫ୍ଲାଟରେ ରହିଥିଲେ । ସେହି ଫ୍ଲାଟରେ ଶାଶୂ, ଶ୍ୱଶୁରଙ୍କ ପ୍ରରୋଚନାରେ ଲିପନ ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା । ଗର୍ଭବତୀ ଥିବାବେଳେ ଶାଶୂଘର ଲୋକେ ତାଙ୍କର କୌଣସି ଯତ୍ନ ମଧ୍ୟ ନେଉନଥିଲେ । ୨୦୧୮ ଅଗଷ୍ଟରେ ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଶିଶୁ ପୁତ୍ରଟିଏ ଜନ୍ମ ଦେଇଥିଲେ । କିନ୍ତୁ ଶାଶୂଘର ଲୋକେ କେହି ତାଙ୍କୁ ଦେଖିବାକୁ ମଧ୍ୟ ଆସିନଥିଲେ । ନିକିତାଙ୍କ ଅନୁରୋଧ କ୍ରମେ ତାଙ୍କ ସ୍ୱାମୀ ଲିପନ ମେଡିକାଲ ଛାଡ଼ିବା ପରେ ଶାଶୂଘରକୁ ନେଇଥିଲେ । ସେଠାରେ ପୁଣି ନିର୍ଯାତନା ଆରମ୍ଭ ହୋଇଥିଲା । ୨୦୧୯ ଜାନୁଆରୀ ୪ ତାରିଖରେ ସଂଧାରେ ନିକିତାଙ୍କୁ ଲିପନ ଛାତ ଉପରକୁ ଡାକି ନେଇଥିଲେ । କିନ୍ତୁ ରାତି ପ୍ରାୟ ୧୦ଟା ୧୫ ସମୟରେ ନିକିତା ଛାତ ଉପରୁ ତଳକୁ ଗଳି ପଡ଼ିଥିଲେ । ନିକିତାଙ୍କୁ ଉଦ୍ଧାର କରାଯାଇ ଏସସିବିକୁ ଅଣାଯାଇଥିଲା । ସେଠାରୁ କଟକର ଆଉ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ବହୁତ ଆଘାତ ଲାଗିଥିବାରୁ ଏହାର ପରଦିନ ରାତିରେ ନିକିତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏନେଇ ନିକିତାଙ୍କ ବାପା, ଲିପନ ଏବଂ ତାଙ୍କ ପିତା,ମାତାଙ୍କ ନାମରେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ । ଏହି ଘଟଣାରେ ପୋଲିସ ଲିପନ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ ମାମଲା ରୁଜୁ କରିବା ସହ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଏମ. ସ୍ୱାଇଁ ଏବଂ ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

ଅଧିକାରୀଙ୍କ ଭୁଲ ଲାଗି କର୍ମଚାରୀ ଦଣ୍ଡ ଭୋଗିବେ ନାହିଁ

● ଶିକ୍ଷା ସହାୟିକାଙ୍କୁ ଚାକିରିରୁ ବରଖାସ୍ତ ମାମଲା

■ କଟକ,ତା୨୭ ।୨(ପିଏନଏସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ସବିତା ପରିଡ଼ାଙ୍କୁ ବିଭାଗୀୟ କର୍ମଚାରୀଙ୍କ ଭୁଲ ପାଇଁ ଜିଲ୍ଲାପାଳ କାର୍ଯ୍ୟରୁ ବହିଷ୍କାର କରିବା ଆଦେଶକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ଅଧିକାରୀଙ୍କ ଭୁଲ ପାଇଁ ଜଣେ କର୍ମଚାରୀ ଦଣ୍ଡିତ ହୋଇପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିବା ସହ ଆବେଦନକାରିଣୀ ସବିତା ପରିଡ଼ାଙ୍କୁ ତାଙ୍କ ପଦରେ ପୂର୍ବଭଳି ନିଯୁକ୍ତି ଦେବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ, ୨୦୧୧ ମାର୍ଚ୍ଚ ୨୨ରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ସବିତା ପରିଡ଼ା ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ । ସେ ପ୍ରାୟ ୫ ବର୍ଷ ଧରି କାମ କରିବା ପରେ ଯାଞ୍ଚରୁ ଜଣାପଡିଥିଲା ଯେ ମନୋନୟନ କର୍ତ୍ତୃପକ୍ଷ ନିଯୁକ୍ତି ସମୟରେ ତାଙ୍କ ମାର୍କ ଭୁଲରେ ଗଣନା କରାଯାଇଛି । ଏହି କାରଣ ଦେଖାଇ ମୟୂରଭଞ୍ଜ ଜିଲ୍ଲାପାଳ୨୦୧୬ ମେ ୬ରେ ତାଙ୍କୁ ସେବାରୁ ବହିଷ୍କାର କରି ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରିଣୀ ସବିତା ପରିଡ଼ା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ନିଯୁକ୍ତି ସମୟରେ କୌଣସି ଜାଲ ପ୍ରମାଣପତ୍ର କିମ୍ବା କୌଣସି ତଥ୍ୟ ଲୁଚାଇ ନାହାନ୍ତି । ସେ ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଠିକ ଭାବେ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି । ନିଯୁକ୍ତି ପ୍ରକ୍ରିୟା ସମୟରେ ମାର୍କ ଗଣନା କରିବା ଏବଂ ମେଧା ତାଲିକା ପ୍ରସ୍ତୁତ କରିବା ମନୋନୟନ କମିଟିର କାମ ଥିଲା । ଯଦି ସେହି ସମୟରେ କୌଣସି ଗାଣିତିକ ତ୍ରୁଟି ହୋଇଥାଏ, ତେବେ ସେଥିପାଇଁ ତାଙ୍କୁ ଦାୟୀ କରାଯାଇପାରିବ ନାହିଁ । ସେ ୨୦୧୧ ରୁ ୨୦୧୬ ପର୍ଯ୍ୟନ୍ତ ପ୍ରାୟ ୫ ବର୍ଷରୁ ଅଧିକ ସମୟ ଧରି ଶିକ୍ଷା ସହାୟିକା ଭାବେ କାର୍ଯ୍ୟ କରିଆସୁଥିଲେ । ଏତେ ବର୍ଷ କାମ କରିବା ପରେ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଭୁଲ ପାଇଁ ତାଙ୍କୁ ଚାକିରିରୁ ବାହାର କରିଦେବା ଅନ୍ୟାୟ । ଅଦାଲତ ମାମଲାର ଶୁଣାଣି କରି କହିଛନ୍ତି ଯେ ମାର୍କ ଗଣନା କାର୍ଯ୍ୟ ମନୋନୟନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଥିଲା । ଦୀର୍ଘ ସମୟ ଧରି ସେବା ଦେବା ପରେ କର୍ତ୍ତୃପକ୍ଷଙ୍କ ଭୁଲ ଯୋଗୁ ବହିଷ୍କାର କରିବା ଆଇନସମ୍ମତ ନୁହେଁ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ତହସିଲଦାରଙ୍କ ଗୋଡ଼ତଳେ...

ମୋର ସ୍ୱାମୀ ୪୦ ଦିନ ଧରି ମଣ୍ଡି ଓ ମିଲ୍‌କୁ ଦୌଡ଼ି ଦୌଡ଼ି ବହୁ କଷ୍ଟ ସହିଥିଲେ । ୨୨ ତାରିଖ ସହ ସମ୍ପାଦକ କୁଇଣ୍ଟାଲ ପିଛା ୬ କେଜି କଟାଯିବ ବୋଲି କହିବା ସହ ଆମ ଠାରୁ ୧୦୦୦ ଟଙ୍କା ନେଇ ରାମଚଣ୍ଡୀ ମିଲରେ ଧାନ ଦେବାକୁ କହିଥିଲେ । ମୋ ସ୍ୱାମୀ ୨୩ ତାରିଖ ଦିନ ନିଜ ଖର୍ଚ୍ଚରେ ଟ୍ରାକ୍ଟର ଭଡ଼ା କରି ମିଲକୁ ଧାନ ନେଇଥିଲେ । ସେ ତିନି ଦିନ ଧରି ଖୋଲା ଆକାଶ ତଳେ ମିଲ୍ ସାମ୍ନାରେ ଅଖିଆଅପିଆ ପଡ଼ି ରହିଥିଲେ । ଶାରିରୀକ ଭାବେ ଦୁର୍ବଳ ଓ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ଅସୁସ୍ଥତା ସମୟରେ ମଧ୍ୟ ମିଲରଙ୍କ ପକ୍ଷରୁ ଧାନ ଅନଲୋଡ୍ କରିବା ପାଇଁ ୩,୦୦୦ ଟଙ୍କା ଅବୈଧ ଦାବି କରାଯାଇଥିଲା ଓ ପ୍ରତି କ୍ୱିଣ୍ଟାଲକୁ ୩ କେଜି କରି କଟଣୀ କରାଯାଇଥିଲା । ମୋର ସ୍ୱାମୀଙ୍କ ନାମରେ ୫୧ କୁଇଣ୍ଟାଲ୍ ୨୦ କେଜି ଧାନ ୨୫ ତାରିଖରେ ରିସିଭ୍ ହୋଇଥିବା ଚିଠା ଦିଆଯାଇଛି, କିନ୍ତୁ ସେ ସମୟରେ ସେ ଗୁରୁତର ଅସୁସ୍ଥ ଅବସ୍ଥାରେ ଘରକୁ ଫେରିଥିଲେ ।

ଘରକୁ ଫେରିବା ପରେ ମୋର ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଅସୁସ୍ଥ ହେବାରୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ମୃତ୍ୟୁ ଏକ ସାଧାରଣ ମୃତ୍ୟୁ ନୁହେଁ; ଏହା ମଣ୍ଡି ଓ ମିଲ୍ ପକ୍ଷରୁ ଅନବରତ ନିର୍ଯାତନା, ଅବହେଳା ଓ ମାନସିକ ଚାପର ଫଳ । ମୋର ସ୍ୱାମୀଙ୍କ ମୃତ୍ୟୁ ପରେ ଆମ ପରିବାର ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଅଛି । ଆମର କୌଣସି ସ୍ଥାୟୀ ଆୟର ଉତ୍ସ ନାହିଁ । ମୋର ଏକମାତ୍ର ପୁଅର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି । ଚାଷୀଙ୍କ ପ୍ରତି ଏପରି ଅନ୍ୟାୟ ଘଟିଲେ ଅନ୍ୟ ଚାଷୀମାନେ ମଧ୍ୟ ଭୟଭୀତ ହେବେ ଓ ସରକାରୀ ବ୍ୟବସ୍ଥା ପ୍ରତି ଆସ୍ଥା ହରାଇବେ । ଏହି ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯାଉ । ସମ୍ପୃକ୍ତ ଦୋଷୀ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ମୋର ପରିବାରକୁ ଅନ୍ୟୁନ ୨୦ ଲକ୍ଷ ଟଙ୍କା ସରକାରୀ ଅର୍ଥ ସାହାଯ୍ୟ କରାଯାଉ । ମୋର ଏକମାତ୍ର ପୁଅକୁ ସରକାରୀ ଚାକିରି ପ୍ରଦାନ କରି ଆମ ପରିବାରକୁ ଜୀବନଯାପନର ସୁବିଧା ଦିଆଯାଉ । ଭବିଷ୍ୟତରେ ଏପରି ଘଟଣା ପୁନରାବୃତ୍ତି ନ ହେବା ଲାଗି ମଣ୍ଡି ଓ ମିଲ୍ ପ୍ରଣାଳୀରେ ସଂଶୋଧନ ଓ କଠୋର ନିରୀକ୍ଷଣ ବ୍ୟବସ୍ଥା କରାଯାଉ । ମୃତ ଚାଷୀଙ୍କ ପତ୍ନୀ ଲିଖିତ ଭାବେ ସବୁ ଜଣାଇବା ସହିତ ଅନ୍ୟାୟର ବିଚାର କରି ଆମକୁ ନ୍ୟାୟ ଓ ସହାୟତା ପ୍ରଦାନ କରିବେ ବୋଲି ନେହୁରା ହୋଇଛନ୍ତି । ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା ଅଭିଯୋଗ ଗ୍ରହଣ କରିଛନ୍ତି ।

ସୁନା ଦର (୨୪ କ୍ୟାରଟ)	
୧୦ଗ୍ରାମ	୧,୬୧,୫୭୦ଟଙ୍କା
ରୁପା(କିଗ୍ରା)	୨,୯୫,୦୦୦ଟଙ୍କା

ତେଲ ଦର (ଲିଟର ପିଛା)	
ପେଟ୍ରୋଲ	୧୦୧.୨୯ ଟଙ୍କା
ଡିଜେଲ	୯୬.୨୧ଟଙ୍କା

ଅଣ୍ଡା ଓ ଚିକେନ ଦର (ଓପୋଲଫେଡ)	
ଅଣ୍ଡା (୧ଟା)	୬.୦୦ ଟଙ୍କା
ଚିକେନ(କି.ଗ୍ରା)	୨୪୦ ଟଙ୍କା

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ **www.coalindia.in**/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, **www.mahanadicoal.in**), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ **https://coalindiatenders.nic.in** ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM **portal https://gem.gov.in** ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5289

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ: **www.oshb.org**
ପତ୍ର ସଂଖ୍ୟା : ୪୪ ତା: ୧୭.୦୨.୨୦୨୬

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି "ଝାରସୁଗୁଡା ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ"ରେ ଘର ନଂ-ଏମ୍.ଆଇ.ଜି-୧-୬୯ (MIG-I-69) ଟିକୁ ଶ୍ରୀ ଦେବୀ ପ୍ରସାଦ କର୍ମକାର, ପିତା-ବ ଭୂପତି କର୍ମକାର,ସା-୪-ଏ.ଡି, ନିବେଦିତା ପ୍ଲେସ୍, ପୋ-ଦୁର୍ଗାପୁର-୩, ଥା/ଜି-ବର୍ଦ୍ଧମାନ, ପଶ୍ଚିମବଙ୍ଗଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଗୃହଟିକୁ ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଶ୍ରୀ ରାଜେଶ ପାତ୍ର, ପି-ନିରଞ୍ଜନ ପାତ୍ର, ସା-ୱାର୍ଡ ନଂ-୭, ହାଉସିଂବୋର୍ଡ କଲୋନୀ, ପୋ-ଏକତାଲି, ଥା-ସଦର, ଜି-ଝାରସୁଗୁଡାଙ୍କ ଜରିଆରେ, ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୁନୀତା ପାତ୍ର, ସ୍ୱା-ନିରଞ୍ଜନ ପାତ୍ର, ସା-ୱାର୍ଡ-୭, ବି.ଟି. ଏମ୍. କଲୋନୀ, ପୋ-ଏକତାଲି, ଥା-ସଦର, ଜି-ଝାରସୁଗୁଡାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ, ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/415/2526

ଜିଲ୍ଲା ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ସୁନ୍ଦରଗଡ

ନୋଟିସ ନଂ. 298 ତାରିଖ. 25.02.2026

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସୁନ୍ଦରଗଡ ଜିଲ୍ଲା ର ସମସ୍ତ ମୌଜାର ଜମିଜମା ସମ୍ବନ୍ଧୀୟ (ବେଞ୍ଚମାର୍କ) ମୂଲ୍ୟାଙ୍କନ ର ପୁନଃ ନିର୍ଧାରଣ କାର୍ଯ୍ୟ ଜିଲ୍ଲା ମୂଲ୍ୟାଙ୍କନ କମିଟି ଦ୍ୱାରା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତା.୨୫.୦୨.୨୦୨୬ ଦିନ ଚୁଡାନ୍ତ ନିଷ୍ପତି ପୂର୍ବକ ତତ ସମ୍ବନ୍ଧୀୟ ସମସ୍ତ କାଗଜାତ ସୁନ୍ଦରଗଡ ଜିଲ୍ଲା ଉପ-ନିବନ୍ଧକ ତଥା ଉପ-ନିବନ୍ଧକ ପନପୋଷ, ବିରାମିତ୍ରପୁର, ବଣେଇ, ରାଜଗାଙ୍ଗପୁର, ହେମଗିର ଓ ଲେଫ୍ରିପଡା ରେ ଉପଲବ୍ଧ ଅଛି । ଏଣୁ ଉକ୍ତ ଚୁଡାନ୍ତ ହୋଇଥିବା ମୂଲ୍ୟାଙ୍କନ ଉପରେ କାହାର କୌଣସି ଆପତ୍ତି ଅଭିଯୋଗ ଯଦି ଥାଏ, ତାହା ହେଲେ ଏହି ବିଜ୍ଞାପନ ଜାରି କରାଯିବାର ୧୫ ଦିନ ମଧ୍ୟରେ ଜିଲ୍ଲା ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ସୁନ୍ଦରଗଡ ରେ ଉପଯୁକ୍ତ ପ୍ରମାଣ ସହ ନିଜର ଅଭିଯୋଗ ଜଣାଇବେ । ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା/- ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା ବେଞ୍ଚମାର୍କ ମୂଲ୍ୟାଙ୍କନ କମିଟି, ସୁନ୍ଦରଗଡ
OIPR-24001/56/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ ଇଣ୍ଡିଆ, ଯୋଡା ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ **ତା.୧୬.୧୨.୨୦୨୫**ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍‌ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଯୋଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

ଯୋଡା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା	ନୋଟିସ୍ ଅନୁଯାୟୀ ବକେୟା ପରିମାଣ	ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ	ସ୍ଥାବର ସମ୍ପତ୍ତିର ବିବରଣୀ
ଋଣଗ୍ରହୀତା: ଶ୍ରୀ ଗୌତମ ସିଂହ, ପିତା: ଭବାନୀ ଶଙ୍କର ସିଂହ, ପ୍ଲଟ୍ ନଂ.: ୪୨୩/୧୫୦୩, ହୋଟେଲ ଲାଓ ପ୍ୟାଲେସ ସମ୍ମୁଖ, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୬୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ତ୍ରିଲୋଚନ ସିଂହ,** ସା: କମାରଯୋଡା, ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା - ୭୫୮୦୩୪	ଟ.୪୭,୬୮,୬୭୯.୦୪ + ସେବାବଦ ସୁଧ ଏବଂ ଖର୍ଚ୍ଚ	୧୬.୧୨.୨୦୨୫ / ୨୬.୦୨.୨୦୨୬	**ଶ୍ରୀ ଗୌତମ ସିଂହ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ.: ୧୭୪/୪୩୮, ପ୍ଲଟ୍ ନଂ.: ୪୨୩/୧୫୦୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି ଅର୍ଥାତ୍ ୨୮୩୧.୪୦ ବର୍ଗଫୁଟ, କିସମ: ଘରବାରୀ, ମୌଜା: କମାରଯୋଡା ୟୁନିଟ୍ ନଂ.: ୩, ଥାନା: ଯୋଡା, ତହସିଲ: ବଡବିଲ, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଆର୍. ଚୌଧୁରୀ, ଦକ୍ଷିଣ: ଏମ୍. ପାରମାଣିକ, ପୂର୍ବ: ଏମ୍ ପାରମାଣିକ, ପଶ୍ଚିମ: ରାସ୍ତା

ସ୍ଥାନ : କେନ୍ଦୁଝର, ତାରିଖ : ୨୭.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dt.24.02.2026. I, Smt. Paramjyoti Rout @ Dutta, D/o- Bijay Chandra Rout and W/o- Dillip Kumar Dutta, At- Rameswar, P.O.- Dabaradhuapatana, P.S- Bolagarh, Dist- Khordha have declared that after my marriage with Dillip Kumar Dutta my surname has been changed from "Rout" to "Dutta". Henceforth, I shall be known as Smt. Paramjyoti Dutta for all purposes.

Smt. Paramjyoti Dutta

GOVERNMENT OF ODISHA
DEPARTMENT OF HIGHER EDUCATION
2nd RE-OPENING OF PORTAL FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2025-26 STUDENTS FOR REMAINING VACANCIES

Sl. No.	Scheme & sub-Scheme		Dateline for submission of online application by students (fresh, Renewal, Re-apply (Revert application cases)	Dateline for validation of scholarship application (fresh, Renewal, Re-apply (Revert application) by Heads of Institutions / Principals concerned
1	e-Medhabruti	UG merit	27.02.26 to 12.03.2026	Upto 18.03.2026
2		PG merit	27.02.26 to 12.03.2026	Upto 18.03.2026
3		Technical & Professional merit	27.02.26 to 12.03.2026	Upto 18.03.2026
4	Vyasakabi Fakir Mohan Bhasabruti Scheme		27.02.26 to 12.03.2026	Upto 18.03.2026
5	Gopabandhu Shikhya Sahayata Yojana		27.02.26 to 12.03.2026	Upto 18.03.2026 Upto 25.03.2026 (only at DWO level)
6	Important note for non-sams students.		Uploading of documents through Digilockers has been made optional.	

***Separate merit list will be prepared for the students whose applications will be received after 07.03.2026 at Department level against the remaining vacancies.**

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department-0674(2396550), 0674(2391126), 0674(2391127), 0674(2391128), (on all working days from 10.30 AM to 5.30 PM)or e-mail on scholarshiphed@gmail.com.

Sd/- Joint Secretary to Government
OIPR-11001/44/2526

ଏଲଆଇସି ହାଉସିଂ ଫାଇନାନ୍ସ ଲିଃ. LIC HFL LIC HOUSING FINANCE LTD
ଇପିକଲ ହାଉସ୍, ୬ଷ୍ଠ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏଲଆଇସି ହାଉସିଂ ଫାଇନାନ୍ସ ଲିଃ. **(LIC HFL)**ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନସ୍ୱାକ୍ଷରକାରୀ ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୩ ସହିତ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍‌ରେ ଦର୍ଶିତ ବକେୟା ରାଶି ପଇଠ କରିବାକୁ କହିଥିଲେ । କିନ୍ତୁ କଥିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ସେମାନଙ୍କର ବକେୟା ରାଶି ପଇଠ କରିବାରେ ବିଫଳ ହେବାରୁ ନିମ୍ନସ୍ୱାକ୍ଷରକାରୀ ସେମାନଙ୍କର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ କଥିତ ଆକ୍ଟର ଧାରା ୧୪ ଏବଂ ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ଅନୁଯାୟୀ **ସାଙ୍କେତିକ / ଭୌତିକ ଦଖଲ** ନେଇଛନ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ନିମ୍ନ ଉଲ୍ଲେଖିତ ସ୍ଥାବର ସମ୍ପତ୍ତିଗୁଡ଼ିକ **LIC HFL**ରେ ବନ୍ଧକ ରଖାଯାଇଛି, ଯାହା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲକୁ ନିଆଯାଇଛି ଏବଂ ଏହାକୁ **ଯଥାକ୍ରମେ ତା.୧୪.୦୩.୨୦୨୬**ରିଖରେ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି"** ଏବଂ **"ବିନା କୌଣସି ଆଇନଗତ ସହାୟତା"** ଭିତ୍ତିରେ ନିମ୍ନ ପ୍ରଦତ୍ତ ବିବରଣୀ ଆଧାରରେ ବିକ୍ରୟ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

କ୍ର. ନଂ.	ଋଣଗ୍ରହୀତା /ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଋଣ ଆକାଉଣ୍ଟ ନଂ. / ମୋଟ ବକେୟା ରାଶି	ସମ୍ପତ୍ତିର ବିବରଣୀ	ସଂରକ୍ଷିତ ମୂଲ୍ୟ / ଅମାନତ ଜମାରାଶି / ବିଡ ବୃଦ୍ଧି ପରିମାଣ	ବ୍ୟାଙ୍କର ବିବରଣୀ (ଯେଉଁଠାକୁ ଅମାନତ ରାଶି ସ୍ଥାନାନ୍ତରିତ ହେବ)
୧.	**ଋଣଗ୍ରହୀତା: ଶ୍ରୀମତୀ ଚାରୁଲତା ସାହୁ ,** ସା: ଅମଲାପଡ଼ା, ତାଳଚେର ଟାଉନ, ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨ / **ଋଣ ଆକାଉଣ୍ଟ ନଂ.: ୨୨୦୧୦୦୦୦୧୦୧୦** / **ଡିମାଣ୍ଡ ନୋଟିସ୍ ତାରିଖ: ୦୭.୧୨.୨୦୨୧, ଦାବୀ କରାଯାଇଥିବା ରାଶି: ଟ.୨୪,୩୧,୬୧୩.୫୧** ସହିତ ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ, **ଦଖଲ ନୋଟିସ୍ ତାରିଖ: ୦୯.୦୩.୨୦୨୨, ଏହି ଇ-ନିଲାମ ବିକ୍ରୟଟି ଡିଆରଟି, କଟକ ଅଦାଲତଙ୍କ ଦ୍ୱାରା କେସ୍ ନଂ.: ଏସ୍‌ଏ/୫୭/ ୨୦୨୨ ଅନୁଯାୟୀ ନିଷ୍ପତ୍ତି ସାପେକ୍ଷ / ମୋଟ ବକେୟା ରାଶି:** ଆଜି ତାରିଖ ସୁଦ୍ଧା **ଟ.୪୩,୬୧,୮୬୭.୩୫**	**ଚାରୁଲତା ସାହୁଙ୍କ** ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୨/ବି, ପ୍ରଥମ ମହଲା, ଅଜୟ ଆରତି ଏଭିନ୍ୟୁ, ଗୌତମ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୪, ସହିତ ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୮୨୧୯୦୪୧୧୫, ତା.୩୦.୧୦.୨୦୧୯, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ / **ଦଖଲ: ସାଙ୍କେତିକ**	ଟ.୭୪,୦୦,୦୦୦/- (ଚଉସ୍ତରୀ ଲକ୍ଷ ଟଙ୍କା ମାତ୍ର) / ଟ.୭,୪୦,୦୦୦/- (ସାତ ଲକ୍ଷ ଚାଳିଶି ହଜାର ଟଙ୍କା ମାତ୍ର) / ଟ.୨୦,୦୦୦/- (କୋଡ଼ିଏ ହଜାର ଟଙ୍କା ମାତ୍ର)	ଆକାଉଣ୍ଟ ନଂ.: LHFLBF220100001010 IFSC CODE: HDFC0000640 BENEFICIARY NAME & BRANCH: LIC HOUSING FINANCE LIMITED BHUBANESHWAR & NAYAPALLI, BHUBANESWAR, ODISHA

ଇ-ନିଲାମର ୱେବସାଇଟ୍	https://bankauctions.in
ସମ୍ପତ୍ତି, ମୂଳ କାଗଜାତର ତନଖି ତାରିଖ, ସମୟ ଏବଂ ଯୋଗାଯୋଗ ନମ୍ବର	୧୦.୦୩.୨୦୨୬ ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ, ଯୋଗାଯୋଗ: ଶ୍ରୀ ରାକେଶ ରଞ୍ଜନ, ମୋ.: ୯୮୯୨୦୪୪୦୪୧, ଶ୍ରୀ ଦେବାଶିଷ ମହାପାତ୍ର, ମୋ.: ୬୩୭୦୦୩୩୮୬୭, ସିଟି ଇନ୍‌ଭେଷ୍ଟିଗେସନ୍ ଆଣ୍ଡ ଡିଟେକ୍ଟିଭ୍ ଏଜେନ୍ସି, ମୋ ନଂ.: ୯୪୩୭୬୩୩୯୧୪
ଅନ୍‌ଲାଇନ ଟେଣ୍ଡର / ପ୍ରସ୍ତାବ ଏବଂ ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ	୧୩.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ (କେବଳ ଅନ୍‌ଲାଇନ୍ ମାଧ୍ୟମରେ)
ଇ-ନିଲାମ ତାରିଖ ଏବଂ ସମୟ : କ୍ର. ନଂ.:୧ ପାଇଁ	୧୪.୦୩.୨୦୨୬ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୨.୩୦ ଘଟିକା

ଉପରୋକ୍ତ ଆସେଟ୍ / ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ପାଇଁ ଏହି ସାର୍ବଜନୀନ ବିଜ୍ଞପ୍ତିକୁ (ସରଫେଶୀ ଆକ୍ଟ ୨୦୦୨ ଏବଂ ଏହାର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ) **LIC HFL** ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ କେବଳ ଅନଲାଇନ୍ ମୋଡ୍ ମାଧ୍ୟମରେ ପ୍ରସ୍ତାବମାନ ଆହ୍ୱାନ କରୁଛନ୍ତି ।

୧. ଇ-ନିଲାମ ବିକ୍ରୟ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ", "ଯାହା ଯେପରି ଅଛି ଭିତ୍ତିରେ", "ସେଠାରେ ଯାହା ଅଛି ଭିତ୍ତିରେ"** ଏବଂ **"ବିନା କୌଣସି ଆଇନଗତ ସହାୟତା ଭିତ୍ତିରେ"** ଅନ୍‌ଲାଇନ୍ ପଦ୍ଧତିରେ ଅନୁଷ୍ଠିତ ହେବ । ଏଲଆଇସି ଏଚ୍‌ଏଫ୍‌ଏଲ୍‌ର ଅନୁମୋଦିତ ଇ-ନିଲାମ ସେବା ପ୍ରଦାନକାରୀ:**"M/s. 4 Closure"- (H.O): 605A, 6th Floor, Maitrivanam, Ameerpet, Hyderabad-500038, Contact Person: T. Jaya Prakash Reddy, Mob.: 8142000064, Email: prakash@bankauctions.in / info@bankauctions.in** ମାଧ୍ୟମରେ ପରିଚାଳିତ ହେବ ।

୨. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ଅନୁଯାୟୀ ବନ୍ଧକ ସମ୍ପତ୍ତି ଉପରେ ପ୍ରକାଶନରେ ପ୍ରକାଶିତ ବ୍ୟତୀତ ଅନ୍ୟ କୌଣସି ଏନ୍‌କମ୍ବ୍ରାନ୍ସେସ୍ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମ ପାଇଁ ଉଦ୍ଦିଷ୍ଟ ସୁରକ୍ଷିତ ସମ୍ପତ୍ତିର ସ୍ଥାନ ଏବଂ ସମ୍ପତ୍ତି ଚିହ୍ନଟ, କୌଣସି ଏନ୍‌କମ୍ବ୍ରାନ୍ସେସ୍ ନିମନ୍ତେ ସବ୍ ରେଜିଷ୍ଟ୍ରାର ଅଫିସ୍ / ସିଭିଲ କୋର୍ଟରେ ପବ୍ଲିକ ରେକର୍ଡର ଯାଞ୍ଚ କରିବା, ବୈଧାନିକ ଦେୟ, ସମ୍ପତ୍ତି ଟ୍ୟାକ୍ସର ବକେୟା, ଆୟକର, ଏକ୍ସାଇଜ୍ ଡ୍ୟୁଟି, ଲେବର ଦେୟ, ବିଦ୍ୟୁତ ଏବଂ ରକ୍ଷଣାବେକ୍ଷଣ ଦେୟ ଇତ୍ୟାଦି ଯାଞ୍ଚ କରିନେବା ଉଚିତ । ସଫଳ ନିଲାମଧାରୀମାନେ ସମ୍ପୃକ୍ତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବାଦ୍ ସମସ୍ତ ମ୍ୟୁନିସିପାଲ ଟ୍ୟାକ୍ସ, ରକ୍ଷଣାବେକ୍ଷଣ/ ସୋସାଇଟି ଦେୟ, ବିଦ୍ୟୁତ ଦେୟ, ଜଳ ଦେୟ, ଷ୍ଟାମ୍ପ ଡ୍ୟୁଟି, ପଞ୍ଜୀକରଣ ଦେୟ (ଯଦି ପ୍ରଯୁଜ୍ୟ), ଯେ କୌଣସି ଏବଂ ସମସ୍ତ ଆକସ୍ମିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଇତ୍ୟାଦି ବହନ କରିବେ । **LIC HFL** ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକ ଉପରେ ଥିବା କୌଣସି ଦେୟ, ଲିଏନ୍, ବକେୟା ଇତ୍ୟାଦି ନିମନ୍ତେ କୌଣସି ପ୍ରକାରେ ଦାୟୀ ରହିବେ ନାହିଁ ।

୩. ଇଚ୍ଛୁକ ନିଲାମଧାରୀମାନେ ନିଲାମ ବିକ୍ରୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିବା ପୋର୍ଟାଲ: **https://bankauctions.in**ରେ ସେମାନଙ୍କର ନାମ ପଞ୍ଜିକରଣ କରିବା ଉଚିତ୍ ।

୪. ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଏଲଆଇସି ହାଉସିଂ ଫାଇନାନ୍ସ ଲିଃର ୱେବସାଇଟ୍: **www.lichousing.com** ଦେଖନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୮.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ଏଲଆଇସି ହାଉସିଂ ଫାଇନାନ୍ସ ଲିଃ. ଭୁବନେଶ୍ୱର

OFFICE OF THE MUNICIPAL COUNCIL, SONEPUR
"e" Procurement Notice
BID Identification No: SNP-MUN-35/2025-26
TENDER ID: 2026_ORULB_126427
Tender Call Notice No.469 / Date.21.02.2026

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in.**

1. Name of the Work : As per DTCN
2. No. of works : **2 Nos.**
3. Amount put to Tender : As per DTCN
4. Period of Completion : As per DTCN
5. Starting Date &Time of Bidding : From **Dt.24.02.2026** from **11.00 A.M.**
6. Last Date & Time for Receipt of tenders through online : On or before **Dt.10.03.2026** upto **05.00 P.M.**
8. Bids received online shall be opened on : On **Dt.11.03.2026** at **11.00 A.M.**
9. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in**

OIPR-13001/422/2526 Sd/- Executive Officer, Sonepur Municipality

OFFICE OF THE ASST DIRECTOR OF SERICULTURE, SUNDARGARH
At-Mahesdihi, Sundargarh, 770001, Email- adssundergarh@yahoo.com
EOI No._155_ Date_25.02.2026
Expression of Interest

Bids in sealed cover are invited from the interested parties for On-boarding of professional agencies for post-harvest cocoon value chain development and market linkage integration of tasar fabric/yarn at Khuntagaon Tasar Silk Park, Lahunipara, Sundargarh.
The schedule of the EOI process are as follows:

Sl	Schedule of Event	Date
1	**EOI Publication Date**	**26.02.2026**
2	Site Visit of Khuntagaon Tasar Silk Park (KTSP)	**7.03.2026 to 10.03.2026**
3	Last Date for Submission of EOI	**14.03.2026**
4	Submission of Detailed Project Report (DPR)	**17.03.2026**
5	Bid opening and DPR Presentation before DLTC	**18.03.2026**
6	Issue of Request for Proposal (Indicative)	**25.03.2026**

The bid documents containing eligibility criteria, terms & conditions and other details of EOI can be downloaded from the website **www.sundargarh.odisha.gov.in.**

Sd/- K.Pradhan, Asst. Director of Sericulture, Sundargarh
OIPR-1001/39/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM [R&B] DIVISION No.I, BERHAMPUR
Phone/Fax: (0680) 2233683, e-mail :sernb1.ganjam@yahoo.com
"e"Procurement Notice
Bid Identification No.SE R&B Divn.No.I Bam.66/2025-26 Lr.No. 3150 dtd. 24/02/2026

Name of work : E.I. Works.
No.of works : 03 (Three) Nos
Estimated Cost : Approximately **Rs.11.72** to **23.17** Lakh
Period of completion : Three to Twelve Calendar months.
Date and time of Availability of bid document in the portal : From 10.00 hours of **02.03.2026** to **16.00** hours of **09.03.2026**
Last date / time for receipt of bids in the portal : Upto **16.00** hours of **09.03.2026**.
Name & address of the Officer Inviting Bid : Superintending Engineer, Ganjam (R&B) Division No.I, Berhampur.

Further details can be seen from the e-Procurement portal **https://tendersodisha.gov.in.**

Sd/- Superintending Engineer
Ganjam (R&B) Division No.I, Berhampur
OIPR-34001/123/2526

GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
RFP Identification No. CE-Roads-I-04/2025-26

1.	The Chief Engineer, Roads-I, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha, and, as part of this endeavour, Govt. of Odisha has decided to undertake the following **"Projects"** under **EPC Contract** (Engineering, Procurement and Construction) basis, and has decided to carry out the bid process for selection of the parties/Joint Ventures to whom the Project may be awarded eventually.		
2.	Nature of project	:	Road work
3.	No. of project	:	1Nos.
4.	Tender Paper cost	:	Rs. 10,000.00
5.	Available of bid document in the website	:	From 10.00 A.M. of 06.03.2026 to 5.30 P.M. of 06.04.2026
6.	Date of Pre-Application conference	:	16.03.2026 at 12.30 P.M.
7.	Date of opening of Bid	:	Dt.07.04.2026 at 11.30 A.M.
8.	The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.		

Sd/- Engineer-in-Chief (Civil), Roads-I, Odisha
OIPR-34001/118/2526